**108**

**III**

Total No. of Questions – 16

Total No. of Printed Pages – 4

Regd. No.

## Part – II

## ODIA, Paper-I

(Second Language)

*Time : 3 Hours ]* *[ Max. Marks : 100*

ନିର୍ଦ୍ଦେଶ : ପ୍ରତ୍ୟେକ ପ୍ରଶ୍ନର ଉତ୍ତର କ୍ରମାନ୍ୱୟ ଭାବରେ ଲେଖିବା ଉଚିତ । ଅନ୍ୟଥା ଉପଯୁକ୍ତ ନମ୍ବର ପାଇବାରୁ ବଞ୍ଚିତ ହେବେ ।

1. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । **10**

(କ) 'ଛାଟ ପକାଇ କଲେ ଚିନ୍ତା' କବିତାରେ ଯଶୋଦା ଚରିତ୍ରର ମହାନୀୟତା ବିଚାର କର ।

(ଖ) ରାଧା ଲଳିତା ଆଗରେ ନିଜର ମନ କଥା କିପରି ପ୍ରକାଶ କଲେ ? ପଠିତ କବିତା ଅନୁସରଣରେ ଲେଖ ।

2. ଯେ କୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ । **10**

(କ) ଭାରତୀୟମାନେ ଓଡ଼ିଆମାନଙ୍କୁ କାହିଁକି ହୀନ ଦୃଷ୍ଟିରେ ଦିଖିଥିଲେ, ପଠିତ ପ୍ରବନ୍ଧରୁ ଲେଖକଙ୍କ ଅନୁଭବ ଓ ଅନୁଭୂତି ପ୍ରକାଶ କର ।

(ଖ) ଜୀନ୍ କିପରି ଉନ୍ନତିର ଶୀର୍ଷ ସୀମାରେ ପହଞ୍ଚିପାରିଛି ? – ବିଚାର କର ।

3. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । **5**

(କ) ମନ୍ଦାର ପୁଷ୍ପ ପ୍ରାୟେକ ପ୍ରତକ୍ଷେ ପତ୍ର ଯେ ବିଘଂସି
ଦେଖିଣ ଆଶ୍ରିଜ ଯେ ହୋଇଲେ ସର୍ବ ରଷି ।

(ଖ) ପ୍ରଭୁ ସଙ୍ଗେ ସଙ୍ଗେ ଲାଗିଥିବା ଅଙ୍ଗେ ଦୟା ଯେବେ ମୋତେ ହେବ
ସ୍ୱାମୀ ସେବା ବିନୁ ନ ଯୋଗାଏ ଆଉ ଜୀବ ଯେତେ ଦିନ ଥିବ ।

4. ପୂର୍ବାପର ସଂପର୍କ ସୂଚାଇ କୌଣସି **ଗୋଟିଏର** ସରଳାର୍ଥ ଲେଖ । **5**

(କ) ହାଟ ନାମ ଶୁଣି ଆପଣ ମନେକରିବେ ନାହିଁ ଯେ, ଏଠାରେ ମାଇକିନିଆ କିଣା ବିକା ହୁଅନ୍ତି ।

(ଖ) ପୁସ୍ତକମାନଙ୍କୁ ପ୍ରାଣହୀନ କେତୋଟି କାଗଜ ପୃଷ୍ଠାର ସମଷ୍ଟି ବୋଲି ଜ୍ଞାନ କରିବା ମନ୍ଦବୁଦ୍ଧିର ଲକ୍ଷଣ ।

5. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **2 × 4 = 8**

(କ) 'ଭୂତ ଭବିଷ୍ୟ ବର୍ତ୍ତମାନ ଜାଣଇଁ ମୁହିଁ ସର୍ବ' ବୋଲି କିଏ କହିଥିଲେ ଓ କାହିଁକି ?

(ଖ) ଓଡ଼ିଆ ଭାଗବତର ରଚୟିତା କିଏ ? ତାଙ୍କର ଅନ୍ୟ ଦୁଇଟି ସାହିତ୍ୟିକ କୃତିର ନାମ ଲେଖ ?

(ଗ) ରାଧାଙ୍କ ବିବେକକୁ କିଏ କାହିଁକି ଘଉଡ଼ାଇ ଦେଲା ?

(ଘ) ଲାବଣ୍ୟବତୀର ଭୂଲତାକୁ ଦେଖି କିଏ ଲଜ୍ଜା ପାଇଲେ ଓ କାହିଁକି ?

(ଙ) ଭୀମଭୋଇଙ୍କ ବାଲ୍ୟଜୀବନ କଟିଥିଲା କିପରି ?

6. ଯେ କୌଣସି **ଚାରୋଟି** ପ୍ରଶ୍ନର ଉତ୍ତର **ଦୁଇଟି** ବାକ୍ୟରେ ପ୍ରଦାନ କର । **2 × 4 = 8**

(କ) ଅସୁରଦୀଘି ଖନନ କରୁଥିବା ଅସୁରମାନେ କେଉଁ ବାଟେ ଓ କିପରି ଚାଲିଯାଇଥିଲେ ?

(ଖ) ଓଡ଼ିଶାକୁ ଗରୀବ ଦେଶ ବୋଲି ଲେଖକ କହିଥିଲେ କାହିଁକି ?

(ଗ) ଆମେରିକାର ନାଗରିକମାନଙ୍କର ବିଶେଷ ପ୍ରକୃତି କ'ଣ ?

(ଘ) ଡ଼ାକ୍ତର ଶୈଳେଶ୍ୱର ନନ୍ଦ ଓଡ଼ିଶାର କେଉଁ ତିନୋଟି ମେଡ଼ିକଲ୍ କଲେଜ୍‌ରେ ଓ କେଉଁ ବିଭାଗରେ ପ୍ରଫେସର ରୂପେ କାର୍ଯ୍ୟ କରିଥିଲେ ?

(ଙ) ଅସୁରଦୀଘିର ସାଆନ୍ତ ତୁଠ ସମ୍ବନ୍ଧରେ ଦୁଇଟି ବାକ୍ୟ ଲେଖ ।

7. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ପଦ ବା ବାକ୍ୟରେ ପ୍ରଦାନ କର : **1 × 5 = 5**

(କ) ଅର୍ଜ୍ଜୁନକୁ ଅକ୍ଷୟ ତୂଣୀର କିଏ ପ୍ରଦାନ କରିଥିଲେ ?

(ଖ) ତୁମ ପଠିତ କବିତାରେ 'ଭାବଗ୍ରାହୀ' ବୋଲି କାହାକୁ କୁହାଯାଇଛି ?

(ଗ) 'କବିସମ୍ରାଟ' ଉପାଧିରେ କିଏ ସମ୍ମାନିତ ?

(ଘ) ରାଧାନାଥ ରାୟ ତୁମ ପଠିତ କେଉଁ କବିଙ୍କୁ 'ମୃତ୍ୟୁଂଜୟ ତୁମ୍ଭେ ଉତ୍କଳ ଭୁବନେ' ବୋଲି କହିଥିଲେ ?

(ଙ) ଭୀମଭୋଇଙ୍କ ତୁମ ପଠିତ କବିତା ?

8. ନିମ୍ନ ଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର **ଗୋଟିଏ** ପଦ ବା ବାକ୍ୟରେ ପ୍ରଦାନ କର : **1 × 5 = 5**

(କ) ଦୀପଦଣ୍ଡୀ କହିଲେ କ'ଣ ?

(ଖ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ତୁମ ପଠିତ ପ୍ରବନ୍ଧ ?

(ଗ) ଇଂରେଜମାନେ କେବେ ଓଡ଼ିଶା ଦଖଲ କରିଥିଲେ ?

(ଘ) ପ୍ରଫେସର ହୃଦାନନ୍ଦ ରାୟଙ୍କ ଲିଖିତ ଏକ ସୁଖପାଠ୍ୟ ଭ୍ରମଣ କାହାଣୀ ?

(ଙ) ଜିନ୍ ଉପରେ ପ୍ରଥମ ସଫଳ ପରୀକ୍ଷା କେଉଁ ବୈଜ୍ଞାନିକ କରିଥିଲେ ?

9. 'ଦୂର ପାହାଡ଼' ଏକାଙ୍କିକାର ନାମକରଣର ସାର୍ଥକତା ପ୍ରତିପାଦନ କର । **10**

**କିମ୍ବା**

ରାଜନୀତି କିପରି ଆଜି ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି ପଠିତ 'ଛଦ୍ମବେଶୀ' ଏକାଙ୍କିକା ଅବଲମ୍ବନରେ ଆଲୋଚନା କର ।

10. ତୁମ ଗ୍ରାମକୁ ଯିବା ଆସିବାର ଅସୁବିଧା ହେତୁ ସଡ଼କ (ରୋଡ଼) ନିର୍ମାଣ କରିବାକୁ ଅନୁରୋଧ କରି ତୁମ ଜିଲ୍ଲାପାଳଙ୍କ ନିକଟକୁ ଦରଖାସ୍ତ ଲେଖ । **5**

**କିମ୍ବା**

କୌଣସି ଏକ ଦର୍ଶନୀୟ ସ୍ଥାନ ଦର୍ଶନ କଲା ପରେ ତୁମର ଅନୁଭୂତିକୁ ବର୍ଣ୍ଣନା କରି ଦୂରରେ ଥିବା ତୁମ ବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖ ।

11. (କ) ରାମକେରୀ କିମ୍ବା ବଙ୍ଗଳାଶ୍ରୀ ଛନ୍ଦର ଲକ୍ଷଣ ଲେଖି ଉଦାହରଣ ଦିଅ । **4**

(ଖ) ଉତ୍ପ୍ରେକ୍ଷା କିମ୍ବା ଅନୁପ୍ରାସ ଅଳଂକାରର ଲକ୍ଷଣ ଲେଖି ଉଦାହରଣ ଦିଅ । **4**

12. ଯେ କୌଣସି ତିନୋଟିର ସନ୍ଧି ବିଚ୍ଛେଦ କର । **3**

ନ୍ୟୂନ, ଅନ୍ତର୍ଗତ, ମହୋଦୟ, ନିରାଡ଼ମ୍ବର, ସଦାଶୟ

13. ଯେ କୌଣସି **ତିନୋଟିର** ବିଗ୍ରହ ବାକ୍ୟ ସହ ସମାସ ନାମ ଲେଖ । **3**

ନିରନ୍ନ, ହୀରାମୁଦି, ଷଡ଼ରତୁ, ଜଳଧର, ଦେଶ କାଳ ପାତ୍ର

14. ଯେ କୌଣସି **ତିନୋଟିର** ବିପରୀତାର୍ଥ ବୋଧକ ଶବ୍ଦ ଲେଖ । **3**

ନିରସ୍ତ୍ର, ସ୍ମରଣ, ରୋଗୀ, ଭୟାଳୁ, ନିର୍ଗୁଣ

15. ଯେ କୌଣସି **ତିନୋଟିର** ଲିଙ୍ଗ ବଦଳାଅ । **3**

ପ୍ରତିକୂଳ, ସାଧକ, କଣ୍ଡରା, ଦାତା, ଭବ

16. (କ) ଯେ କୌଣସି ଚାରୋଟି ରୂଢ଼ିର ଅର୍ଥ ଲେଖି ବାକ୍ୟରେ ପ୍ରୟୋଗ କର : 4

ପଛରୁ ଛୁରି ମାରିବା, ଚିତା କାଟିବା, କାଠିକର ପାଠ, ଚକେ ଗଲେ ବାର ହାତ, ଆପେ ବଞ୍ଚିଲେ ବାପର ନାଁ, ଜପାମାଳି

(ଖ) ପ୍ରଦତ୍ତ ଅନୁଚ୍ଛେଦଟିକୁ ପାଠ କରି ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଲେଖ । 5

ଅସୁରମାନେ ତ ମଲେ ଆଉ ଦେବତାମାନେ ମଧ୍ୟ ନିଶ୍ଚିନ୍ତ ହୋଇ ପୁଣି ଅପ୍ସରାମାନଙ୍କ ସହିତ ଘୂରି ବୁଲିଲେ, କିନ୍ତୁ ଅପୂର୍ବ ସୁନ୍ଦରୀ ମୋହିନୀ କନ୍ୟାଙ୍କ ଦଶା କ'ଣ ହେବ ? ତିନିପୁରରେ ତାଙ୍କ ପାଇଁ ସମକକ୍ଷ ବର ନାହିଁ ? କନ୍ୟା ପୁଣି ଜିଦ୍ ଧରି ବସିଲେ ଯେ, ଶିବଙ୍କ ଛଡ଼ା ସେ ଆଉ କାହାରିକୁ ବାହା ହେବେ ନାହିଁ । ପରମା ସୁନ୍ଦରୀ ପାର୍ବତୀ ଶିବଙ୍କପାଇଁ ଅନାହାରରେ ତପସ୍ୟା କରି ଶେଷରେ ପତ୍ର ଖାଇବା ସୁଦ୍ଧା ଛାଡ଼ି ଦେଇ ଅପର୍ଣ୍ଣା ହୋଇଯାଇଥିଲେ । ମୋହିନୀ କନ୍ୟା ପାର୍ବତୀଙ୍କ ପନ୍ଥା ଧରିଲେ । ଜନ୍ମଦାତା ବିଷ୍ଣୁ ଅଗତ୍ୟା କନ୍ୟା ଦାୟରେ ଶିବଙ୍କ ଦ୍ୱାରସ୍ଥ ହେଲେ । ଶିବ ବିବାହ ପାଇଁ ଅରାଜି ହେବାର ପାତ୍ର ନୁହଁନ୍ତି । କଥା ହେଲା ଯେ ଭାରତର ଶେଷ ଭାଗରେ ମୋହିନୀକନ୍ୟା ତାଙ୍କୁ ଅପେକ୍ଷା କରି ରହିବେ ଓ ସଦଳବଳେ ଶିବ ସେଠାରେ ଉପସ୍ଥିତ ହୋଇ ସେହି ରାତ୍ରି ମଧ୍ୟରେହିଁ ତାଙ୍କୁ ବିବାହ କରିବେ । ଏହି ଅନୁସାରେ ଷଣ୍ଢ ଉପରେ ଚଢ଼ି ଶିବ ବାହାରି ପଡ଼ିଲେ । ବରଯାତ୍ରୀ ଦଳ କୁମାରୀକାରେ ପହଞ୍ଚିବାକୁ ଆଉ ମାତ୍ର ଛ' ମାଇଲ ଅଛି । ଏହି ସମୟରେ ଦେବତାମାନଙ୍କ ଭିତରେ ଭାଳେଣି ପଡ଼ିଲା । ଦେବତାମାନେ ଦେଖିଲେ ଯେ ଶିବ ଏକରୁ ଦୁଇ ଓ ଦୁଇରୁ ତିନି ପର୍ଯ୍ୟନ୍ତ ପତ୍ନୀ ଗ୍ରହଣ କରିବାରେ ବ୍ୟସ୍ତ ହୋଇପଡୁଛନ୍ତି । ତେଣୁ ଦେବାସୁର ଯୁଦ୍ଧରେ ତାଙ୍କଠାରୁ ସାହାଯ୍ୟ ମିଳିବାର ସମ୍ଭାବନା ନାହିଁ । ନାରଦଙ୍କ ସାହାଯ୍ୟରେ ଏହି ବିବାହ ବନ୍ଦ କରିବା ପାଇଁ ଦେବତାମାନେ ଷଡ଼ଯନ୍ତ୍ର କଲେ । ନାରଦ ବୀଣାବାଦନ ପୂର୍ବକ ସେଠାରେ ଉପସ୍ଥିତ ହୋଇ ଶିବଙ୍କୁ ବ୍ରହ୍ମଜ୍ଞାନ ଚର୍ଚ୍ଚାରେ ବିମୁଗ୍ଧ କରାଇଦେଲେ ଯେ ସେଥିରେ କେତେ ସମୟ ଗଲା, ତାହା ଶିବଙ୍କୁ ଜଣାପଡ଼ିଲା ନାହିଁ । ଅବଶେଷରେ ରାତି ପାହିଲା । ଶିବ ବ୍ୟସ୍ତ ହୋଇ କହିଲେ — 'ଲଗ୍ନ ଚାଲିଗଲା' । ଶିବ ବିଷର୍ଣ୍ଣ ହୋଇ ସେଠାରେ ନିଜର ବାସଗୃହ ନିର୍ମାଣ କରି ରହିଲେ । ବର୍ତ୍ତମାନ ସେହି ସ୍ଥାନଟି ହେଉଛନ୍ତି ଶୁଚୀନ୍ଦ୍ରମ ।

ପ୍ରଶ୍ନ :

(କ) ମୋହିନୀ କନ୍ୟାକୁ 'ଅପର୍ଣ୍ଣା' ବୋଲି କୁହାଗଲା କାହିଁକି ?

(ଖ) ଶୁଚୀନ୍ଦ୍ରମ୍ କାହିଁକି ପ୍ରସିଦ୍ଧ ?

(ଗ) ଦେବତାମାନଙ୍କ ଭିତରେ କାହିଁକି ଭାଳେଣି ପଡ଼ିଲା ?

(ଘ) ନାରଦଙ୍କ ଷଡ଼ଯନ୍ତ୍ରର ଶିବ ଶିକାର ହେଲେ କେମିତି ?

(ଙ) ବିଷ୍ଣୁ ଶିବଙ୍କ ଦ୍ୱାରସ୍ଥ ହୋଇଥିଲେ କାହିଁକି ?